# ମୋ ଗାଁ ମୋର ଗୌରବ



ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

## ଅଧିକ ଅମଳ ପାଇଁ ଜୟନ୍ତୀ ରୋହି

ଜୟନ୍ତୀ ରୋହିର ନାମ ମାତ୍ର ଚାଷୀ ମାନଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ । ତେଣୁ ମନରେ ପ୍ରଶ୍ନ ଆସେ ଏ ଜୟନ୍ତୀ ରୋହି କଣ ? ଏହା କଣ ସାଧାରଣ ରୋହି ମାଛ ଠାରୁ ଭିନ୍ନ ? ଯଦି ଭିନ୍ନ ତେବେ କିରି ଭାବରେ ଭିନ୍ନ ?

ଜୟନ୍ତୀ ରୋହି ଚୟନ ପ୍ରଜନନ ପଦ୍ଧତିରେ ପ୍ରସ୍ତୁତ କରାଯାଇଛି । ଏହା ଅଧିକ ବଢି ପାରୁଥିବା ଅନୁବଂଶୀକ ବିକଶିତ ରୋହି ମାଛ । ଆଖିରେ ଦେଖିଲା ଭଳି ବିଶେଷ ପାର୍ଥକ ସାଧାରଣ ରୋହି ଠାରୁ ଦେଖା ଯାଏ ନାହିଁ, କିନ୍ତୁ ଜୟନ୍ତୀ ରୋହିର ଅଧିକ ବା ଶିଘ୍ର ବଢିବାର କ୍ଷମତା ରହିଛି । ୧୯୯୭ ମସିହା ରେ ଭାରତ ବର୍ଷ ସ୍ୱାଧିନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପ୍ରଥମ ଥର ପାଇଁ ଏହି ରୋହି ବିକଶିତ କରାଯାଇଥିଲା । ଏହି ସଫଳତାକୁ ମନେ ରଖିବାକୁ ଏହି ରୋହି ମାଛର ନାମ ଜୟନ୍ତୀ ରଖାଯାଇଥିଲା ।

**କାହିଁକି ବିକଶିତ କରାଗଲା ?**

କାର୍ପ ମାନଙ୍କର ଅଣ୍ଡା ଦେବାର କ୍ଷମତା ବହୁତ ଅଧିକ୍ । ଏପରକି ଏକ କିଲୋ ଓଜନର ଗୋଟଏ ମାଇ ମାଛ ଠାରୁ ଏକ ରୁ ଦଇୁ ଲକ୍ଷ ପର୍ଯ୍ୟନ୍ତ ଅଣ୍ଡା ମିଳିଥାଏ । ତେଣୁ ହ୍ୟାଚେରୀ କମ୍ ସଂଖ୍ୟାରେ ପଜ୍ର ନନ କ୍ଷମ ମାଛ ନେଇ ଅଧକ୍ ଗଣ୍ଡୁ ଜାଆଳଁ ପସ୍ତ୍ର ତୁ କରାଯାଉଅଛି । ଆଉ ମଧ ଅନେକ ବର୍ଷ ଧରି ସେହି ପଜ୍ର ନନ କ୍ଷମ ପୋଖତା ମାଛ ମାନଙ୍କୁ ବାରମ୍ବାର ପଜ୍ର ନନ କରି ଜାଆଳଁ ଉତ୍ପାଦନ କରାଯାଉଅଛି । ଏହିପରି ହ୍ୟାଚେରୀ ମାନଙ୍କରେ ଅନେକ ସଲ୍ଟୁ ରେ ଅନ୍ତଃ ପଜ୍ର ନନ ପତନ (ଇନବ୍ରିଡ୍ରିଙ୍ଗି ଡିପ୍ରେସନ)ର ଲକ୍ଷଣ ମାନ ଦେଖାଯାଉଛି । ତା'ଦ୍ୱାରା ମାଛ ମାନଙ୍କର ବଢ଼ିବା ଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି । ଉତ୍ପାଦନ ବଢାଇବା ପାଇଁ ଉନତ୍ନ କିଷମର ଜାଆଳଁ ର ଆବଶ୍ୟକତା ଖୁବ୍ ଅଧକ୍ । ଏହି ସବୁ ବିଷୟକୁ ଦୃଷ୍ଟିରେ ରଖି ଚୟନ ପ୍ରଜନନ ଦ୍ୱାରା ରୋହି ମାଛର ଅଧିକ ବୃଦ୍ଧି ପାଇଁ ସିଫା ନରୱେ ସରକାରଙ୍କର ସହଯୋଗରେ ଏକ ପ୍ରକଳ୍ପ ୧୯୯୨ ମସିହାରେ ସିଫା ଠାରେ ନିଆଯାଇଥିଲା ।

**କିରି ବିକଶିତ ହେଲା ?**

ପ୍ରଥମେ ୫ଟି ନଦୀ ଯଥା ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ଗୋମତି ଓ ସତଲେଜ୍ ରୁ ଜାଆଁଳ ସଂଗ୍ରହ କରାଯାଇଥିଲା । ତା'ସହିତ ସିଫା ହ୍ୟାଚେରୀ ଜାଆଁଳ ମଧ୍ୟ ନିଆଯାଇ ପାଳନ କରାଯାଇଥିଲା । ଏହି ମାଛ ସବୁକୁ ବିଭିନ୍ନ ରଙ୍ଗ ଦ୍ୱାରା ବା ପକ୍ଷଛେଦନ ଦ୍ୱାରା ଚିହ୍ନତ କରାଗଲା ଓ ଏକା ସାଙ୍ଗରେ ପାଳନ କରାଗଲା ।

**ଉତ୍ପାଦନ କୌଶଳ :**

ସଂଗୃହିତ ମାଛ ମାନଙ୍କର ପରିକ୍ୱତା ଆସିବା ପରେ ପ୍ରତ୍ୟେକ ମାଇ ମାଛ ପାଇଁ ଦୁଇଟି ଅଣ୍ଡିରା ମାଛର ସଂଗମ ନିର୍ଦ୍ଦିଷ୍ଟ କରାଯାଇ ଏକ ପରିବାର ର ଆକ୍ଷା ଦିଆଗଲା । ପ୍ରତ୍ୟେକ ପରିବାର ର ଅଣ୍ଡାକୁ ବିଶେଷଭାବେ ନିର୍ମିତ ହ୍ୟାଚେରୀରେ ଅଲଗା ଅଲଗା ଛୁଆ ଫୁଟା ଯାଇଥିଲା ଏବଂ ସେମାନଙ୍କୁ ନର୍ସରୀ

ପୋଖରୀରେ ଅଲଗା ଅଲଗା ପାଳନ କରାଯାଇଥିଲା ।

**ଚିହ୍ନଟ ପ୍ରକ୍ରୀୟା :**

ଯେତେବେଳେ ମାଛ ଯାଆଁଳମାନେ ନର୍ସରୀ ପୋଖରୀରେ ୮-୧୦ ଗ୍ରା. ହୋଇଯାଆନ୍ତି ସେତେବେଳେ ବିଦ୍ୟୁତ୍ ଚୁମ୍ବକୀୟ ଟ୍ୟାଗ୍ କୁ ପ୍ରତି ମାଛ ଦେହରେ ରୋପଣ କରାଯାଇ ଚିହ୍ନଟ କରାଯାଏ । ଏହି ଟ୍ୟାଗ୍ ରୁ ପରବର୍ତ୍ତୀ ସମୟରେ ଟ୍ୟାଗ୍ ରିଡର ଦ୍ୱାରା ଟ୍ୟାଗ୍ ନମ୍ବର ଜାଣିହୁଏ ତା'ଦ୍ୱାରା ପ୍ରତି ମାଛର ଅଭିବୃଦ୍ଧି ଲକ୍ଷ୍ୟ କରାଯାଏ ।

**ସମନ୍ୱୀତ ପ୍ରତିାଦନ :**

ପ୍ରତ୍ୟେକ ପରିବାରର ନିର୍ଦ୍ଧିଷ୍ଟ ସଂଖ୍ୟାରେ ମାଛମାନଙ୍କର ଚିହ୍ନଟ ପ୍ରକ୍ରିୟା ସରିଲା ପରେ ସେମାନଙ୍କୁ ଏକ ପୋଖରୀ ରେ ଛଡାଯାଏ ତାଦ୍ୱାରା ସେମାନଙ୍କୁ ସମାନ ପରିବେଶ ମିଳିଥାଏ । ସମାନ ପରିବେଶରେ ଅଧିକ ବଢିପାରୁଥିବା ମାଛ ମାନଙ୍କୁ ଗୁଣ ସୁତ୍ର ଭିତ୍ତିକ ଚୟନ କରାଯାଏ । ଗୁଣସୁତ୍ରଭିତ୍ତିକ ଅଧିକ ବଢିବା କ୍ଷମତା ଥିବା ମାଛ ଗୁଡିକୁ ପ୍ରଜନନ କ୍ଷମ ପୋଖତା ମାଛ ଭାବରେ ନିଆଯାଇ ଗୁଣ୍ଡ ଜାଆଁଳ ପ୍ରସ୍ତୁତ କରାଯାଏ । ବଂଶାନୁକ୍ରମିକ ଭାବରେ ଅଧିକ ବଢିବା କ୍ଷମତା ଥିବା ପୋଖତା ମାଛଙ୍କୁ ସେଥିରୁ ଉତ୍କୃଷ୍ଟ ଜାଆଁଳ ପ୍ରସ୍ତୁତ କରାଯାଉଅଛି । ଏପରି ଚୟନ କରାଯାଇ ଅଷ୍ଟମ ପିଢିରେ ପ୍ରାୟ ପ୍ରତିଢି ୧୮ ପ୍ରତିଶତ ବୃଦ୍ଧିହାର ପରିଲକ୍ଷିତ ହୋଇଛି ।

**ମାଛ ଚାଷୀ ପୋଖରୀରେ କ୍ଷେତ୍ର ପ୍ରଦର୍ଶନ :**

ଜୟନ୍ତୀ ରୋହି ର କ୍ଷେତ୍ର ପ୍ରଦର୍ଶନ ଭାରତର ବିଭିନ୍ନ ରାଜ୍ୟ ଯଥା ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ, ଓଡିଶା, ଆନ୍ଧ୍ରରେ କରାଯାଇଥିଲା । ଏବଂ ଏହାର ବୃଦ୍ଧି ସେହି କ୍ଷେତ୍ର ର ରୋହି ମାଛ ମାନଙ୍କ ସାଙ୍ଗରେ ଅଭିବୃଦ୍ଧି ହାର ତୁଳନା କରାଯାଇଥିଲା । ପ୍ରତ୍ୟେକ କ୍ଷେତ୍ରରେ ଜୟନ୍ତୀ ରୋହିର ଅଧିକ ବୃଦ୍ଧିହାର ଲକ୍ଷ୍ୟ କରାଯାଇଥିଲା । ଖାଲି ସରକାରୀ ସ୍ତରରେ ନୁହେଁ ମାଛ ଚାଷୀଙ୍କ ପୋଖରୀ ରେ ମଧ୍ୟ ଏହାର ଅଧିକ ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା ।

**ଜୟନ୍ତୀ ରୋହି ଚାଷ ପାଇଁ ଖାଦ୍ୟ ଓ ପୋଖରୀ ପରିଚାଳନା :**

ଉନ୍ନତ କିଷମର ମାଛ ଚାଷ ପାଇଁ ଏବଂ ଏହାର ଉତ୍ପାଦନ ସଠିକ୍ ଭାବରେ ପାଇବା ପାଇଁ ପୂରକ ଖାଦ୍ୟ ତଥା ରୋଗ ପରିଚାଳନା ର ଗୁରୁତ୍ୱୂର୍ଣ୍ଣ ଭୂମିକା ରହିଛି । ପୂରକ ଖାଦ୍ୟ ପାଇଁ: କାଣ୍ଡିଆ କୁଣ୍ଡା ୩୩%, ଶୁଖୁଆ ଗୁଣ୍ଡ-ଶତକଡା ୫ ଭାଗ, ବାଦାମ ପିଡିଆ-୪୦%, ଭିଟାମିନ୍ ମିନେରାଲ୍-୨%, ସୋୟାବିନ୍ ପିଡିଆ-୨୦%= ମିକ୍ସ-୧୦୦ । ଏହା ମାଛ ଓଜନର ୨-୩% ହିସାବରେ ୨ ଥର ଦେବା ଉଚିତ୍ । ପ୍ରତିମାସ ଥରେ ଜାଲ ଟଣାଯାଇ ମତ୍ସ୍ୟ ରୋଗର ଲକ୍ଷଣ ମାନ ଏବଂ ବୃଦ୍ଧିହାର ଦେଖିବା ଉଚିତ୍ । ସାଧାରଣ ଭାବରେ ଯେପରି ପୋଖରୀ ପରିଚାଳନା କରାଯାଏ ତାହା କଲେ ଏବଂ ଖାଦ୍ୟ ସୁଚାରୁ ରୁରେ ଦିଆଗଲେ ଏହି ଜୟନ୍ତୀ ରୋହି ମାଛର ପ୍ରକୃତ ବୃଦ୍ଧି ଲକ୍ଷ୍ୟ କରାଯାଇପାରିବ । ଗୋଟିଏ ପୋଖରୀ ଅଧିକ ମାଛ ଜାଆଁଳ ନ ଛାଡି ଅଧିକରୁ ଅଧିକ ୭୦୦୦/ ହେକ୍ଟର ଜୟନ୍ତୀ ରୋହି ଛଡା ଯାଇ ପାରିବ ।

**ବିତରଣ ବ୍ୟବସ୍ଥା :**

ଜୟନ୍ତୀ ରୋହିର ଗୁଣ୍ଡ ଜାଆଁଳ ସିଫାରୁ ବିଭିନ୍ନ ପ୍ରଦେଶକୁ ବିତରଣ କରାଯାଉଅଛି । ତା'ଛଡା ବିଭିନ୍ନ ସଂସ୍ଥା ମାଧ୍ୟମରେ ମଧ୍ୟ ଏହାର ବିତରଣ କରାଯାଇଅଛି । ଅଙ୍ଗୁଳୀକା ଜାଆଁଳ ମଧ୍ୟ ବିଭିନ୍ନ ପ୍ରଦେଶକୁ ବିତରଣ କରାଯାଉଅଛି । ଯଦି ଆମେ ଏହି ରୋହିକୁ ସୁଚାରୁ ରୂରେ ଚାଷକରିବା ତେବେ ନିଶ୍ଚିତ ଭାବରେ ଉତ୍ପାଦନ ବଢାରିବ । ଆମ ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଏହି ଜୟନ୍ତୀ ରୋହି ଏକ ଉଲ୍ଲେଖନୀୟ ଭୂମିକା ନେଇ ପାରିବ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. କାନ୍ତ ଦାସ ମହାପାତ୍ର,** ପ୍ରଧାନ ବୈଜ୍ଞାନିକ
**ଡ. ଜେ.ନ. ସାହା,** ବୈଜ୍ଞାନିକ
**ଡ. ଖୁଣ୍ଟିଆ ମୁର୍ମୁ,** ବରିଷ୍ଠ ବୈଜ୍ଞାନିକ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ